# ସତ୍ୟବାକ୍ୟ

# THE WORD OF TRUTH

## JULY & AUGUST 2013

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.18.July & Aug - 2013.No-3

Published every two months in **Oriya** language fo
the Restoration of pure New Testament Christia

## ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ । ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/– ଟଙ୍କା ନିମ୍ନଲିଖିତ ଠିକଣାରେ M.O. ଦ୍ୱାରା ପଠାଇବାକୁ ଅନୁରୋଧ କରୁ ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ
# VOICE OF TRUTH

VOL - XVIII KAKINADA JUL-AUG-2013

## ବାଇବଲ ସତ୍ୟ ଅଟେ

### (The Bible is True !)

"ବାଇବଲ (Bible) ବୋଲି ପଦ, ଏବ୍ରୀ ପଦ "Biblos" ରୁ ଆନୀତ । ଏହି ପଦର ଅର୍ଥ "ପୁସ୍ତକ" । "ବାଇବଲ" ପବିତ୍ର ଆତ୍ମାଙ୍କ ନିଶ୍ୱାସିତ ଏବଂ ଷୋହଳ ବର୍ଷ ସମୟ ପାରିଧିର ଚାଳିଶିଜଣ ଭକ୍ତଙ୍କ ଦ୍ୱାରା ଲିଖିତ ।

ଯେଉଁମାନେ "ବାଇବଲ" ଠାରେ ବିଶ୍ୱାସ କରନ୍ତି, ସେମାନେ ଏହା ଈଶ୍ୱରଙ୍କ ବାକ୍ୟରୂପେ ଗ୍ରହଣ କରନ୍ତି । ପୁସ୍ତକରେ ମନୁଷ୍ୟର ପ୍ରତ୍ୟେକ ସମସ୍ୟାର ସମାଧାନ ଏହି ପୁସ୍ତକରେ ପାଇବାରୁ ।

ମୁଁ କିଏ ? ମୁଁ କେଉଁଠାରୁ ଆସିଛି ? କେଉଁଠାକୁ ଯାଉଅଛ, ଏପରି ଅନେକ ମନୁଷ୍ୟର ପ୍ରଶ୍ନକୁ ବାଇବଲ ଉତ୍ତର ଦିଏ । କେବଳ ବାଇବଲ ହିଁ ମନୁଷ୍ୟର ଉତ୍ପତ୍ତି ଓ ମନୁଷ୍ୟର ସମାପ୍ତି ବିଷୟରେ ଉତ୍ତର ଦିଏ ।

ମନୁଷ୍ୟ ଯେତେ ଦୀର୍ଘକାଳ ଏହି ଜଗତରେ ନିବାସ କଲେ ହେଁ, ସେ ମୃତ୍ୟୁ ବିଷୟରେ ଭୟଭୀତ, ମନୁଷ୍ୟର ମରଣପରେ ଜୀବନ ଅଛି ଓ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱସ୍ତ ଜୀବନ ଯାପନ କରିବା ପ୍ରତ୍ୟେକ ଖ୍ରୀଷ୍ଟିୟାନ ଯୀଶୁଖ୍ରୀଷ୍ଟଙ୍କ ସହ ଅନନ୍ତ ଜୀବନ ବିତାଇବେ । ମନୁଷ୍ୟର ପ୍ରଶ୍ନ ଉତ୍ତର ଆମ୍ଭେମାନେ ବାଇବଲରେ ପଢ଼ିପାରୁଁ ।

ଯଦିଓ ବାଇବଲ ୪୦ଜଣଙ୍କ ଦ୍ୱାରା ଲିଖିତ, ଲେଖକମାନେ ଆପଣା ସ୍ୱଇଚ୍ଛା ଓ ସ୍ୱମତ ଏଠାରେ ପ୍ରକାଶ କରନ୍ତି ନାହିଁ । ବାକ୍ୟ କହେ, "କାରଣ କୌଣସି ଭାବବାଣୀ କେବେହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇ ନାହିଁ, ମାତ୍ର ଈଶ୍ୱର ପ୍ରେରିତ ମନୁଷ୍ୟମାନେ

ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ ।" (୨ ପିତର ୧:୨୧) ।

ବାଇବଲର ଲେଖକମାନେ ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ ନିବାସ କରୁଥିଲେ । ଜଣକଙ୍କ ଲେଖା ବିଷୟରେ ଅନ୍ୟ ଲେଖକମାନେ ଅଜ୍ଞ ଥିଲେ । ସେମାନଙ୍କ ମଧ୍ୟରୁ କେତେଜଣ ଲେଖକ, ମେଷପାଳକ, ମତ୍ସ୍ୟଜୀବୀ, ଜଣେ ବୈଦ୍ୟ ଓ ଅନ୍ୟଜଣେ କରଗ୍ରାହୀ । ପ୍ରତ୍ୟେକଙ୍କ ଲେଖନୀର ଏକମାତ୍ର ବିଷୟବସ୍ତୁ ଥିଲା :- ପାପଠାରୁ ମନୁଷ୍ୟର ପରିତ୍ରାଣ । ଯଦିଓ ଲେଖକମାନେ ବିଭିନ୍ନକାଳ ଓ ବିଭନ୍ନ ସମୟରେ ଲେଖିଥିଲେ । ଏକ ଆତ୍ମା ଅଥବା ପବିତ୍ରଆତ୍ମାଙ୍କ ସାହାଯ୍ୟରେ ଲେଖିଥିଲେ ।

ବାଇବଲ ବୈଜ୍ଞାନିକ ଭାବେ ସତ୍ୟ ଅଟେ । ଶତାବ୍ଦୀ ଧରି ମନୁଷ୍ୟମାନେ ପୃଥିବୀ ଏକ ସମତଳ ଭୂମି ବୋଲି ମନେ କରୁଥିଲେ । ପଞ୍ଚଦଶ ଶତାବ୍ଦୀରେ (Columbus) ପୃଥିବୀ ଗୋଲାକାର ବୋଲି ପ୍ରକଟ କରିବାରୁ ଲୋକେ ତାଙ୍କୁ ଅପହାସ କରିଥିଲେ । ତପ୍ୱରେ Megillanଙ୍କ ପୃଥିବୀ ପରିକ୍ରମଣ ଦ୍ୱାରା ଲୋକେ ପୃଥିବୀ ଗୋଲାକାର ବୋଲି ଗ୍ରହଣ କଲେ । କିନ୍ତୁ ସହସ୍ରବର୍ଷ ପୂର୍ବେ ପୃଥିବୀ ଗୋଲାକାର ବୋଲି ବାଇବଲରେ ଲିଖିତ ଅଛି । ଈଶ୍ୱରଙ୍କ ବାକ୍ୟ କହେ, "ସେ ଭୂମଣ୍ଡଳର ଉପରେ ଉପବିଷ୍ଟ ... ...।" (ଯିଶାଇୟ ୪୦:୨୨) । ଜ୍ଞାନୀ ଶୋଲମନ ଲେଖନ୍ତି, "...ଯେଉଁ ସମୟରେ ସେ ବାରିଧି ଉପରେ ଚକ୍ରାକାର ସୀମା କିରୁଣ କଲେ...।" (ହି: ୮:୨୭) ।

ପୃଥିବୀ କିପରି ଓ କାହା ଉପରେ ସ୍ଥିତ ଅଟେ, ବିଷୟରେ ଅନେକ ମତବାଦ ଥିଲା । Atlas ନାମକ ଏକ ଅସୁର ସ୍କନ୍ଧ ଉପରେ ପୃଥିବୀକୁ ବହନ୍ତି ବୋଲି ଅନେକେ ବିଶ୍ୱାସ କରିବା ସମୟରେ, ଅନେକେ ପୃଥିବୀ ଅଷ୍ଟହସ୍ତୀ ଉପରେ ସ୍ଥିତ ବୋଲି ବିଶ୍ୱାସ କରୁଥିଲେ । କିନ୍ତୁ ବାଇବଲ ଅନେକ ଶତାବ୍ଦୀରୁ "ସେ ଶୂନ୍ୟ ଉପରେ ଉତ୍ତର-କେନ୍ଦ୍ର ପ୍ରସାରନ୍ତି ଓ ଅବସ୍ତୁ ଉପରେ ପୃଥିବୀ କି ଝୁଲାନ୍ତି ।" (ଆୟୁବ ୨୬:୭) । ବୋଲି ଲିଖିତ ଅଛି । ବାଇବଲ ଏହିପରି ଅନେକ ବୈଜ୍ଞାନିକ ପ୍ରମାଣ ସହ ଭରପୂର ଅଟେ ।

ଆକାଶର ନକ୍ଷତ୍ରର ସଂଖ୍ୟା ଗଣନା କରିବା ମନୁଷ୍ୟର ସାଧ୍ୟ ବୋଲି ମନୁଷ୍ୟ ସମାଜ ମନେ କରୁଥିଲା । କିନ୍ତୁ Telescopeର ଆବିଷ୍କାର ଦ୍ୱାରା ଅସଂଖ୍ୟ ନକ୍ଷେତ୍ରମାନଙ୍କ ସଂଖ୍ୟା ଗଣନା କରିବା ମନୁଷ୍ୟର ଅସାଧ୍ୟ ବୋଲି ପ୍ରମାଣିତ ହେଲା ।

ଖ୍ରୀଷ୍ଟଙ୍କ ଜନ୍ମର ୧୬୦୦ ବର୍ଷପୂର୍ବେ, ନକ୍ଷତ୍ରର ସଂଖ୍ୟା ଗଣନା କରିବା ମନୁଷ୍ୟର ଅସାଧ୍ୟ ବିଷୟ ବୋଲି ମୋଶା, ଆଦି ପୁସ୍ତକରେ ଲେଖାଅଛନ୍ତି । (ଆଦି ୧୫:୫) ।

ବାଇବଲରେ ଅନେକ ଦେଶ ଓ ଅନେକ ଜାତି ବିଷୟରେ ଭାବବାଣୀ ପ୍ରକଟ କରାଯାଇଥିଲା । ଘଟଣା ଘଟିବାର ଅନେକ ବର୍ଷପୂର୍ବେ, ତାହା ପବିତ୍ର ଆତ୍ମାଙ୍କ ଦ୍ୱାରା ବ୍ୟକ୍ତ ହୋଇଥିଲା । ଭାବବାଣୀ ଗୁଡିକ ସଫଳ ହେବା ବିଷୟ ଇତିହାସ ଆମକୁ ସାକ୍ଷ୍ୟ ଦିଏ ।

ପୁରାତନ ନିୟମରେ ଯୀଶୁଖ୍ରୀଷ୍ଟଙ୍କ ବିଷୟକ ଭାବବାଣୀ ତାହାଙ୍କ ଜୀବନରେ ସଫଳ ହୋଇଥିଲା । ପୁରାତନ ନିୟମରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ, ଜୀବନ, ମୃତ୍ୟୁ ଓ ପୁନଃରୁତ୍ଥାନ ବିଷୟକ ଭାବବାଣୀ ସକଳର ସଫଳତା ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁ । ଯୀଶୁଖ୍ରୀଷ୍ଟ କଓକ୍ଷ ଏବଂ ଆଦି ଅନ୍ତ ଅଟନ୍ତି ।

ମନୁଷ୍ୟ ବାଇବଲ ଉନ୍ନତର କରି ନ ପାରେ । ମନୁଷ୍ୟର କାର୍ଯ ସିଦ୍ଧ ନୁହେଁ । ଆଜିର ଯନ୍ତ୍ର, କାଲିକୁ ପୁରୁଣା ହୋଇଯାଏ । ବିଗତ ବର୍ଷର ବୈଜ୍ଞାନିକ ପୁସ୍ତକ ଗୁଡ଼ିକ ଆଜି ପୁରୁଣା ହୋଇ ସାରିଲାଣି । କିନ୍ତୁ ବାଇବଲର ଲିଖିତ ବାକ୍ୟ ସଂପୂର୍ଣ୍ଣ, ଏହା ଲୋପ ପାଇବା ନାହିଁ କି ସଂଶୋଧନ ଆବଶ୍ୟକ କରେ ନାହିଁ । ଆଧୁନିକ ବୈଜ୍ଞାନିକ ଜ୍ଞାନର ଅନେକ ବର୍ଷପୂର୍ବେ ବାଇବଲର ସ୍ଥିତି ଅଛି । ବାଇବଲର ବାକ୍ୟ ସତ୍ୟ ଓ ଅନିତ୍ୟ । ଆଧୁନିକ ବିଜ୍ଞାନ ଠାରୁ ଉତ୍କୃଷ୍ଟତାର ବାଇବଲର ବାକ୍ୟ । କାରଣ ଏହା ସଦାପ୍ରଭୁଙ୍କଠାରୁ ଆଗତ ।

ଐତିହାସିକ ଭାବେ ଓ ଭୌଗଳିକ ବାବେ ବାଇବଲ ସତ୍ୟ ଅଟେ । ଏହା ମନୁଷ୍ୟକୁ ମାନସିକ ଓ ଆତ୍ମିକ ବଳ ଦିଏ । ଏହା ମନୁଷ୍ୟକୁ ଧାର୍ମିକ ଆଚ୍ଚର ବ୍ୟବହାର ବିଷୟରେ ଶିକ୍ଷା ଦିଏ ।

ବ୍ୟାଧିଗ୍ରସ୍ତ ମନୁଷ୍ୟ, ମହାନ ବୈଦ୍ୟ ଯୀଶୁଖ୍ରୀଷ୍ଟଙ୍କଠାରେ ମନୁଷ୍ୟ ସୁସ୍ଥତା, ଆଶ୍ୱାସନା ପ୍ରାପ୍ତ ହୁଏ । ପାପୀ ମନୁଷ୍ୟ ଏକ ତ୍ରାଣକର୍ତ୍ତା ଓ ମୁକ୍ତିଦାତା ଆବଶ୍ୟକ କରେ । ବାଇବଲ ମନୁଷ୍ୟର ଆଧାତ୍ମିକ ତୃଷ୍ଣା ତୃପ୍ତ କରେ । ସତ୍ୟ ପରମେଶ୍ୱରଙ୍କୁ ସତ୍ୟ ଓ ଆତ୍ମାରେ ଉପସାନା କରିବା ବିଷୟରେ ବାଇବଲ ଶିକ୍ଷା ଦିଏ ।

ବାଇବଲ ପ୍ରତ୍ୟେକ ଯୁଗର ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ଉପଯୋଗୀ । ଆପଣ ଯଦି ନିରସହାୟ ଅନୁଭବ କରୁଅଛନ୍ତି, ବାଇବଲ ଆପଣଙ୍କୁ ପ୍ରୋତ୍ସାହିତ କରେ । ଦୁଃଖରେ ସାନ୍ତ୍ୱନା ଦିଏ । ନିରାଶଙ୍କୁ ଆଶା ପ୍ରଦାନ କରେ । ଏହି ଜୀବନର ଶେଷରେ ଯୀଶୁଖ୍ରୀଷ୍ଟଙ୍କ ସହ ଅନନ୍ତଜୀବନ ପ୍ରତିଜ୍ଞା କରେ । ଅତଏବ, ଜଗତର ପ୍ରତ୍ୟେକ ଜୀବିତ ମନୁଷ୍ୟଙ୍କୁ ବାଇବଲ ଆବଶ୍ୟକ । ଏହା ପ୍ରତ୍ୟେକଙ୍କ ନିମନ୍ତେ ଜୀବନରେ ପଥଦର୍ଶକ ।

ମାନବ ଜାତି ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ବାଇବଲ ଦ୍ୱାରା ପ୍ରକଟିତ ହୁଏ । ଜ୍ଞାନୀ ହେବା ନିମନ୍ତେ ଏହା ଧ୍ୟାନ କର । ପାପରୁ ମୁକ୍ତ ହେବା ନିମନ୍ତେ ପାଳନ କର । ଏହା । ଆପଣାଙ୍କୁ ସ୍ୱର୍ଗକୁ ଘେନି ଯିବାକୁ ଏକମାତ୍ର ପଥଦର୍ଶନ ଅଟେ । ବାଇବଲହିଁ ସତ୍ୟ ଅଟେ ।

– **Joshua Goutam**

❋❋❋

## ମରଣଶୀଳତା

**(Mortality)**

ଗ୍ରୀକ୍‌ବୀର ମହାନ ସମ୍ରାଟ୍ ଆଲେକ୍‌ଜେଣ୍ଡର୍‌ଙ୍କ ପିତା ଫିଲିଫ-୨ ରାଜାଙ୍କ ଦୁଇ ସହଚର ସର୍ବଦା ତାହାଙ୍କ ଅନୁକରଣ କରୁଥିଲେ । ସେମାନଙ୍କ ଉପରେ ଏକ ଆଶ୍ଚର୍ଯ୍ୟମୟ କାର୍ଯ୍ୟ ନ୍ୟସ୍ତଥିଲା । ସେମାନଙ୍କ ମଧ୍ୟରୁ ଜଣେ ତାହାଙ୍କୁ ପ୍ରଭାତରେ କହେ, "ଫିଲିଫ, ଏହା ମନେ ରଖ ଯେ, ଆପଣ ଜଣେ ମନୁଷ୍ୟ ମାତ୍ର", ଏବଂ ଦ୍ୱିତୀୟ ଜଣଙ୍କ କାର୍ଯ୍ୟ ଥିଲା , ପ୍ରତ୍ୟେକ ସନ୍ଧ୍ୟାରେ, "ଫିଲିଫ, ଏହା ମନେ ରଖ ଯେ ଆପଣ ଜଣେ ମନୁଷ୍ୟ ମାତ୍ର ।" ବୋଲି ତାହାଙ୍କୁ ମନେ ପକାଇବା । ଆମ୍ଭେମାନେ ଆମ୍ଭମାନଙ୍କ ଜୀବନ ଯେ କେତେ କ୍ଷଣଭଙ୍ଗୁର ପାସରି ଯାଇଥାଉଁ । ଆମ୍ଭମାନଙ୍କ ମଧ୍ୟରୁ ଅନେକେ ମୃତ୍ୟୁ ବିଷୟ ଆଲୋଚନା କରିବାକୁ ଇଚ୍ଛା ନ କରୁ ।

ଯେ ଯାହା ମୃତ୍ୟୁ ବିଷୟରେ ମନେ କଲେହେଁ କିଅବା ମନେ ପକାଇବକୁ

ଇଚ୍ଛା ନ କଲେ ହେଁ, ମୃତ୍ୟୁ ସତ୍ୟ ଅଟେ । ଅନେକ ସମୟରେ ମନୁଷ୍ୟ ଅଭିବୃଦ୍ଧି ପ୍ରାପ୍ତ ହୋଇ, ଶକ୍ତିମାନ ହୋଇ ସଫଳତା ପ୍ରାପ୍ତ ହେବାପରେ ଆପଣାକୁ ଆପେ ଅନ୍ୟମାନଙ୍କଠାରୁ ମହାନ୍ ବୋଲି ମନେ କରନ୍ତି । ରାଜା ଫିଲିଫ ଅନ୍ୟମାନଙ୍କ ସଦୃଶ୍ୟ ସେ ଏକ ମନୁଷ୍ୟମାତ୍ର ବୋଲି ପ୍ରତିଦିନ ସ୍ମରଣ କରାଇବା ନିମନ୍ତେ ସେ ଦୁଇଜଣକୁ ନିଯୁକ୍ତି କରିଥିଲେ ।

ଆମ୍ଭେମାନେ ଅନେକ ସଫଳତା ପ୍ରାପ୍ତ ହେଲେହେଁ, ଧନସମ୍ପଦ ଅର୍ଜନ କଲେହେଁ, ବଳବାନ ହେଲେହେଁ କିଅବା ଦୀର୍ଘକାଳ ଜୀବନଯାପନ କଲେହେଁ, ଆମ୍ଭେମାନେ ଦିନେ ନା ଦିନେ ମୃତ୍ୟୁ ଭୋଗିବା । ମଥୂଶେଲହ ଏ ଜଗତରେ ସର୍ବାଧିକ ବର୍ଷ ଜୀବିତ ଥିଲେ । ତଥାପି ବାଇବଲ ଇତିହାସ କହେ, "ମଥୂଶେଲହ ସତାଶି ବର୍ଷ ବୟସରେ ଲେମକକୁ ଜାତକଲା । ଲେମକର ଜନ୍ମ ଉତ୍ତାରେ ମଥୂଶେଲହ ସାତଶ ବୟାଶି ବର୍ଷ ବଞ୍ଚି ଆହୁରି ପୁତ୍ରକନ୍ୟାମାନଙ୍କ ଜାତକଲା । ମଥୂଶେଲହର ବୟସ ସର୍ବସୁଦ୍ଧା ନଅଶ ଉଣସ୍ତରି ବର୍ଷ ଥିଲା, ତହୁଁ ସେ ମଲା ।" ଆଦି (୫:୨୫-୨୭) ।

ପ୍ରତ୍ୟେକ ଜୀବି ମରଣଶୀଳ । ଏ ବିଷୟ ବାରମ୍ବାର ଧର୍ମଶାସ୍ତ୍ର ଆମ୍ଭମାନଙ୍କୁ ଶିକ୍ଷା ଦିଏ । "ଅବା ବଳ ସକାଶୁ ଅଶୀ ବର୍ଷ ହୁଏ । ତଥାପି ତହିଁରେ ଗର୍ବ ଓ ପରିଶ୍ରମ ଦୁଃଖମାତ୍ର, କାରଣ ତାହା ଶୀଘ୍ର ବଢ଼ିଯାଏ ଓ ଆମ୍ଭେମାନେ ଉଡ଼ିଯାଉଁ ।" (ଗୀତ ୯୦:୧୦) । ଯୀଶୁଖ୍ରୀଷ୍ଟଙ୍କ ଭ୍ରାତା ଯାକୁବ୍ ଲେଖନ୍ତି, "କିନ୍ତୁ କାଲି କଅଣ ଘଟିବ, ତାହା ତ ତୁମ୍ଭେମାନେ ଜାଣ ନାହିଁ, ତୁମ୍ଭମାନଙ୍କର ଜୀବନ କଅଣ ? କ୍ଷଣକେ ଦୃଶ୍ୟ ହୋଇ ଅଦୃଶ୍ୟ ହୁଏ ଯେଉଁ ବାଷ୍ପ, ତୁମ୍ଭେମାନେ ତ ତାହା ସଦୃଶ୍ୟ ।" (ଯାକୁବ ୪:୧୪) ।

ସମୟ ଅଳ୍ପ ଥିବାରୁ ତାହା ସଦ୍‌ବିନିଯୋଗ କରୁ । ଆମ୍ଭମାନଙ୍କ ଜୀବନ ସ୍ୱଳ୍ପମାତ୍ର ବୋଲି କହି ଗୀତରଚକ ପ୍ରାର୍ଥନା କରନ୍ତି, "ଯେପରି ଆମ୍ଭେମାନେ ଜ୍ଞାନ ବିଶିଷ୍ଟ ଅନ୍ତଃକରଣ ପାଇପାରିବୁ, ଏଥିପାଇଁ ଆମ୍ଭମାନଙ୍କୁ ଆପଣା ଆପଣା ଦିନ ଗଣନା କରିବାକୁ ଶିକ୍ଷା ଦିଅ ।" (ଗୀତ ୯୦:୧୨) । ମରଣଶାୟୀ ମନୁଷ୍ୟ ସଦୃଶ୍ୟ ଜୀବନଯାପନ କରିବାକୁ, ଜୀବନର ଅସରତା ଜ୍ଞାତ ହେବାକୁ ଆମ୍ଭମାନଙ୍କ ଦିନ କିପରି ବିତାଉଅଛୁ ତାହାର ହିସାବ ପ୍ରଭୁ ନେବେ, ଏହା ସ୍ମରଣରେ ରଖିବା ନିମନ୍ତେ

ଗୀତରଚକ ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତି । ଯୀଶୁଖ୍ରୀଷ୍ଟ ଏ ବିଷୟରେ ଜ୍ଞାତ ଥିଲେ । ସେ କହିଲେ, "...ଦିନ ଥାଉ ଥାଉ ମୋହର ପ୍ରେରଣକର୍ତ୍ତାଙ୍କ କର୍ମ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ, ଯେଉଁ ସମୟରେ କେହି କର୍ମ କରିପାରେ ନାହିଁ, ଏପରି ରାତ୍ରି ଆସୁଅଛି ।" (ଯୋହନ ୯:୪) । ଦିବାରାତ୍ର ପ୍ରଭୁଙ୍କ ନିମନ୍ତେ ପରିଶ୍ରମ କରିଥିବା ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି ।" ଅତଏବ ଅଜ୍ଞାନ ପରି ନ ହୋଇ ଜ୍ଞାନୀ ପରି ନିଜ ନିଜ ଆଚରଣ ସମ୍ବନ୍ଧରେ ବିଶେଷ ସାବଧାନ ହୁଏ । ପୁଣି ସୁଯୋଗର ସଦ୍‌ବ୍ୟବହାର କର, କାରଣ କାଳ ମନ୍ଦ ଅଟେ । (ଏଫିସୀ ୫:୧୫-୧୬) ।

ଏହି ସ୍ୱଳ୍ପ ଜୀବନରେ ଅନେକ କିଛି ସାଧନ କରିବାର ବାକି ଅଛି । ଆମ୍ଭମାନଙ୍କ ଚାକିରୀ, ଆମ୍ଭମାନଙ୍କ ପରିବାର ଓ ଅନ୍ୟାନ୍ୟ କାମରେ ଆମ୍ଭମାନଙ୍କୁ ଆମ୍ଭେମାନେ ବ୍ୟସ୍ତ ରଖୁ ଥାଉଁ । ପରମେଶ୍ୱରଙ୍କ ଇଚ୍ଛା ସାଧନ ହିଁ ଆମ୍ଭମାନଙ୍କ ପ୍ରଧାନ କାର୍ଯ୍ୟ, ଏହା ସର୍ବଦା ସ୍ମରଣ କରୁ । ପୁରାକାଳର ରାଜା ଫିଲିପଙ୍କ ସଦୃଶ୍ୟ, ଆମ୍ଭେମାନେ ଯେ ମର ମାତ୍ର, ସର୍ବଦା ମନେ କରୁ ।

– **Tim D. Shoemaker**

## ମଗଦଲୀନୀ ମରିୟମ

**(Many Magdalene)**

ମରିୟମ ନାମରେ ପରିଚିତ କେତେକ ସ୍ତ୍ରୀମାନଙ୍କ ବିଷୟରେ ଆମ୍ଭେମାନେ ବାଇବଲରେ ପଢ଼ିପାଉଁ, ଯୀଶୁଙ୍କ ମାତାଙ୍କ ନାମ ମରିୟମ, ମାର୍ଥା ଓ ଲାଜରଙ୍କ ଭଗ୍ନୀ ନାମ ମରିୟମ ସେମାନଙ୍କ ମଧ୍ୟରେ ମଗଦଲୀନୀ ମରିୟମ ଅନ୍ୟତମ । ସେ ମଗଦଲୀନୀ ନାମକ ପଲ୍ଲୀବାସୀ ତାହା ଗାଲୀଲୀ ସମୁଦ୍ରର ଦକ୍ଷିଣ ପଶ୍ଚିମ ନିକଟରେ ଅବସ୍ଥିତ ଥିଲା । ତାହାଙ୍କ ନାମ ନୂତନ ନିୟମରେ ୧୪ଥର ପଢ଼ିଥାଉଁ ।

"ଏଥିରେ ଅଳ୍ପ ସମୟପରେ ସେ ଆପେ ନଗରେ ନଗରେ ଓ ଗ୍ରାମେ ଗ୍ରାମେ ଘୋଷଣା କରି ଈଶ୍ୱରଙ୍କ ରାଜ୍ୟର ସୁସମାଚାର ପ୍ରଚାର କରି ଭ୍ରମଣ କରିବାକୁ ଲାଗିଲେ,

ଆଉ ଦ୍ୱାଦଶ ତାହାଙ୍କ ସଙ୍ଗରେ ଥିଲେ । ପୁଣି ଯେଉଁ ସ୍ତ୍ରୀମାନେ ଦୁଷ୍ଟ ଆତ୍ମା ଓ ରୋଗରୁ ସୁସ୍ଥ କରାଇଯାଇଥିଲେ । ଏପରି କେତେକ ସ୍ତ୍ରୀ ଲେକ, ଅର୍ଥାତ୍ ମଗଦଲୀନୀ ମରିୟମ ଯାହାଙ୍କ ଠାରୁ ସାତ ବାହାରି ଯାଇଥିଲେ, ହେରୋଦଙ୍କ ବେବର୍ତ୍ତା ଖୁଜାଙ୍କ ଭାର୍ଯ୍ୟା ଯୋହନା, ଶୋଶନ୍ନା, ପୁଣି ଆହୁରି ଅନେକ ସ୍ତ୍ରୀଲୋକ ତାହାଙ୍କ ସଙ୍ଗରେ ଥାଇ, ଆପଣା ଆପଣା ସମ୍ପତ୍ତି ଦେଇ ସେମାନଙ୍କୁ ସେବା କରୁଥିଲେ ।" (ଲୂକ ୮:୧-୩) । ସାତଟି ଭୂତଗ୍ରସ୍ତା ମରିୟମଙ୍କ ଦୁର୍ଦ୍ଦଶାମୟ ଅବସ୍ଥାରୁ ଯୀଶୁ ପ୍ରଭୁ ତାହାଙ୍କୁ ମୁକ୍ତ କରିଥିଲେ । (ମାର୍କ ୫:୧-୧୭) । ପଦ ଓ (ମାର୍କ ୯:୧୭-୨୫) । ଦୁର୍ଦ୍ଦଶାମୟ ଏକ ଭୂତଗ୍ରସ୍ତ ମନୁଷ୍ୟ ଓ କବଳଙ୍କୁ କିପରି ଯୀଶୁଖ୍ରୀଷ୍ଟ ସୁସ୍ଥ କରିଥିଲେ ପଢ଼ିପାଉଁ । ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କୁ ସୃଷ୍ଟି ଉପରେ, (ସେ ଜଳ ଉପରେ ଚାଲିଥିଲେ, ସମୁଦ୍ରକୁ ଧମକ ଦେଇଥିଲେ) ରୋଗ ଉପରେ ଶୟତାନର ଶକ୍ତି ଉପରେ ଅଧିକାର ଥିଲା । ମଗଦଲୀନୀ ମରିୟମ ଆପଣା ଦୁର୍ଦ୍ଦଶାମୟ ସ୍ଥିତିରୁ ମୁକ୍ତ ହୋଇ ଆପଣା ଜୀବନ ପ୍ରଭୁଯୀଶୁଙ୍କ ସେବାରେ ସମ୍ପୂର୍ଣ୍ଣ ଭାବେ ଅର୍ପଣ କରିଥିଲେ ।

ଏହି ସ୍ତ୍ରୀଲୋକମାନେ ନଗରେ ନଗରେ, ଗ୍ରାମେ ଗ୍ରାମେ ଭ୍ରମଣ କରି ସେମାନଙ୍କ ପରିଚର୍ଯ୍ୟା କରୁଥିଲେ । ଲେଖାଯାଏ "ତାହାଙ୍କ ସଙ୍ଗରେ ଆପଣା ଆପଣା ସମ୍ପତ୍ତି ଦେଇ ସେମାନଙ୍କୁ ସେବା କରୁଥିଲେ ।" ସଦାପ୍ରଭୁ ପରମେଶ୍ୱର ଇଶ୍ରାଏଲକୁ ଆଜ୍ଞାଦେଇ କହିଥିଲେ, "ଏଥିନିମନ୍ତେ ଆପଣା ସମସ୍ତ ଅନ୍ତକରଣ ଓ ସମସ୍ତ ପ୍ରାଣ ଓ ସମସ୍ତ ଶକ୍ତି ସହିତ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ପ୍ରେମ କରିବ ।" (ଦ୍ୱି:ବି: ୬:୭ ଓ ଲେବୀ ୧୦:୨୭) । ଯୀଶୁ କହିଲେ, "କେହି ଯେବେ ମୋ ନିକଟକୁ ଆସି ଆପଣା ପିତା, ମାତା, ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀମାନଙ୍କୁ ଏପରିକି ଆପଣା ପ୍ରାଣକୁ ସୁଦ୍ଧା ଅପ୍ରିୟ ଜ୍ଞାନ ନକରେ, ସେ ମୋହର ଶିଷ୍ୟ ହୋଇପାରେ ନାହିଁ । ଯେ କେହି ଆପଣା କ୍ରୁଶ ବହନ କରି ମୋହର ଅନୁଗମନ ନ କରେ ସେ ମୋହର ଶିଷ୍ୟ ହୋଇ ନ ପାରେ ନାହିଁ ।" (ଲୂକ ୧୪:୨୬-୨୭) । ଗାଲୀଲୀ ସମୁଦ୍ର କୂଳରେ ମତ୍ସ୍ୟଜୀବୀ ପିତର ଓ ଆନ୍ଦ୍ରିୟଙ୍କୁ ଯୀଶୁଖ୍ରୀଷ୍ଟ କହିଲେ , "... ମୋହର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି । ସେଥିରେ ସେମାନେ ସେହିକ୍ଷଣି ଜାଲ

ଛାଡ଼ି ତାହାଙ୍କର ଅନୁଗମନ କଲେ ।" (ମାଥିଉ ୪:୧୯-୨୦) ମତ୍ସ୍ୟଜୀବୀମାନେ ଜାଲ ଛାଡ଼ିବାର ଅର୍ଥ ସେମାନଙ୍କ ଜୀବିକା ନିର୍ବାହ କରୁଥିବା ବ୍ୟବସାୟ ଛାଡ଼ି ତାହାଙ୍କ ଅନୁଗମନ କରିଥିଲେ । "ସେ ଆଗକୁ ଯାଇ ଜେବଦୀଙ୍କ ପୁତ୍ର ଯାକୁବ ଓ ତାହାଙ୍କ ଭାଇ ଯୋହନ ନାମକ ଆଉ ଦୁଇ ଭାଇଙ୍କ ସେମାନଙ୍କ ପିତା ଜେବଦୀଙ୍କ ସହିତ ନୌକାରେ ଜାଲ ସଜାଡୁ ଥିବା ଦେଖି ସେମାନଙ୍କର ପିତାଙ୍କୁ ଚାଡ଼ି ତାହାଙ୍କର ଅନୁଗମନ କଲେ ।" (ମାଥିଉ ୪:୨୧-୨୨) । ଯାକୁବ ଓ ଯୋହନ ଆପଣା ବ୍ୟବସାୟ, ଆପଣା ନୌକା ଆପଣା ପିତାଙ୍କୁ ପରିତ୍ୟାଗ କରି ଯୀଶୁଙ୍କୁ ଅନୁଗମନ କରିଥିଲେ । ଲେବୀ ନାମକ କରଗ୍ରାହୀ । ତାହାଙ୍କ ଆହ୍ୱାନରେ ସମସ୍ତ ପରିତ୍ୟାଗ କରି ତାହାଙ୍କ ଅନୁଗମନ କରିଥିଲେ ମଣ୍ଡଳୀ ସ୍ଥାପନର ଆଦ୍ୟ ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ଲେଖାଯାଏ । ''ଯେଉଁମାନେ ବିଶ୍ୱାସ କଲେ, ସେମାନେ ସମସ୍ତେ ଏକତ୍ର ରହି ସବୁ ପଦାର୍ଥ ସାଧାରଣ ସମ୍ପତ୍ତି ବୋଲି ଜ୍ଞାନ କରୁଥିଲେ । ପୁଣି ସେମାନେ ଆପଣା ଆପଣା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବିକ୍ରୟ କରି, ଯାହାର ଯେପରି ପ୍ରୟୋଜନ, ସେହି ଅନୁସାରେ ବାଣ୍ଟି ଦେବାକୁ ଲାଗିଲେ ।" (ପ୍ରେରିତ ୨:୪୪-୪୫) । ବର୍ଣ୍ଣବବା, "ତାଙ୍କର ଖଣ୍ଡେ କ୍ଷେତ୍ର ଥିଲ. ସେ ତାହା ବିକ୍ରୟ କରି ସେଥିରେ ଟଙ୍କା ଆଣି ପ୍ରେରିତମାନଙ୍କର ପାଦ ତଳେ ରଖିଲେ ।" (ପ୍ରେରିତ ୪:୩୭) । ଜଣେ ଧନୀ ଯୁବକ ଅନନ୍ତ ଜୀବନ ପ୍ରାପ୍ତ ହେବା ନିମନ୍ତେ ତାହାଙ୍କ ନିକଟକୁ ଆସିଥିଲେ । ଯୀଶୁ ତାହାଙ୍କୁ କହିଲେ, "...ତୁମ୍ଭର ଗୋଟିଏ ବିଷୟ ଊଣା ଅଛି, ତୁମ୍ଭେ ଯାଇ ଆପଣାର ସର୍ବସ୍ୱ ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନକର, ଆଉ ତୁମ୍ଭେ ସ୍ୱର୍ଗରେ ଧନ ପାଇବ; ପୁଣି ଆସି, ମୋହର ଅନୁଗମନ କର । କିନ୍ତୁ ଏହି କଥାରେ ତାଙ୍କ ମୁଖ ମଳିନ ହୋଇଗଲା ଓ ସେ ଦୁଃଖିତ ହୋଇ ଚାଲିଗଲେ, କାରଣ ତାଙ୍କର ବହୁତ ସମ୍ପତ୍ତି ଥିଲା । (ମାର୍କ ୧୦:୨୧-୨୨) । ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଥିଲେ ବୋଲି ବାକ୍ୟରେ ଲିଖିତ ହୋଇନାହିଁ । ଧନ ସମ୍ପତ୍ତି ଆମ୍ଭମାନଙ୍କୁ ରକ୍ଷାକରି ପାରେ ନାହିଁ । କିନ୍ତୁ ପରମେଶ୍ୱରଙ୍କ ବାକ୍ୟ ପାଳନ ହିଁ ଆମ୍ଭମାନଙ୍କ ନିମନ୍ତେ ଅନନ୍ତ ଜୀବନ ଦିଏ । ପ୍ରେରିତମାନେ, ଆଦିମ ଖ୍ରୀଷ୍ଟିୟାନମାନେ, ମଗଦଲୀନୀ ମରିୟମ ଓ ଅନ୍ୟ ସ୍ତ୍ରୀଗଣ ଆପଣା ସର୍ବସ୍ୱ ଦେଇ ପ୍ରଭୁଯୀଶୁଙ୍କ ପରିଚର୍ଯ୍ୟା କରୁଥିଲେ । ସଦାପ୍ରଭୁ ଆମ୍ଭମାନଙ୍କ ଜୀବନରେ ଅନେକ ଆଚର୍ଯ୍ୟକର୍ମମାନ କରି

ଅଛନ୍ତି, ତାହାଙ୍କୁ ଆମ୍ଭେମାନେ କଅଣ ଦେଉଅଛୁ, ଆମ୍ଭେ କଅଣ ଘେନି ସଦାପ୍ରଭୁଙ୍କ ସମ୍ମୁଖକୁ ଆସିବା ଓ ଊର୍ଦ୍ଧ୍ୱସ୍ଥ ପରମେଶ୍ୱରଙ୍କ ସମ୍ମୁଖରେ ପ୍ରଣାମ କରିବା, ସହସ୍ର ସହସ୍ର ମେଷରେ ଅବା ଅୟୁତ ଅୟୁତ ମେଳରେ ନଦୀରେ ସଦାପ୍ରଭୁ କି ପ୍ରସନ୍ନ, ହେ ମନୁଷ୍ୟ ଯାହା ଉତ୍ତମ ତାହା ସେ ତୁମ୍ଭଙ୍କୁ ଜଣାଇ ଅଛନ୍ତି । ନ୍ୟାୟଚରଣ, ଦୟା ଭଲ ପାଇବା ଓ ନମ୍ର ଭାବରେ ତୁମ୍ଭ ପରମେଶ୍ୱରଙ୍କ ସହିତ ଗମନାଗମନ କରିବାର । ଏହା ଛଡା ସଦାପ୍ରଭୁ ତୁମ୍ଭଠାରୁ ଆଉ କଅଣ ଚାହାନ୍ତି ।?" (ମୀଖା ୬:୭-୮) ।

ମଗଦଲୀନୀ ମରିୟମ ଯୀଶୁଙ୍କୁ ତାହାଙ୍କ ମରଣ ସମାଧି ଓ ପୁନଃରୁତ୍ଥାନ ପର୍ଯ୍ୟନ୍ତ ତାହାଙ୍କ ଅନୁସରଣ କରିଥିଲେ । ସେ ପ୍ରଭୁଙ୍କୁ କେବେ ବି ପରତ୍ୟାଗ କରିଥିଲେ, ଗେଥଶିମାନୀ ତୋଟାରେ ପ୍ରଧାନ ଯାଜକ, ବହୁ ସଂଖ୍ୟକ ଲୋକ ସୈନ୍ୟମାନେ ଈଷ୍କରିଥ ଯିହୂଦା ସଙ୍ଗରେ ଆସିବା ସମୟରେ, "ସେତେବେଳେ ଶିଷ୍ୟମାନେ ସମସ୍ତେ ତାହାଙ୍କୁ ଛାଡି ପଳାଇଗଲେ ।" (ମାଥିଉ ୨୬ :୫୬) । ମାଥିଉଙ୍କ ବିବରଣ କୁହାଯାଏ, "ସେମାନେ ଯୀଶୁଙ୍କୁ ସେବା କରୁ କରୁ ଗାଲୀଲୀରୁ ତାହାଙ୍କ ସାଙ୍ଗରେ ଆସିଥିଲେ । ସେମାନଙ୍କ ମଧ୍ୟରେ ମଗଦଲୀନୀ ମରିୟମ ଯାକୁବ ଓ ଯୋସେଫଙ୍କ ମାତା ମରିୟମ, ପୁଣି ଯେବଦୀଙ୍କ ପୁତ୍ରମାନଙ୍କ ମାତା ଥିଲେ ।" (୨୭:୫୬ ପଦ) ଯୀଶୁଙ୍କ ଶରୀର ସମାଧିରେ ରଖିବା ପରେ, "...ମଗଦଲୀନୀ ମରିୟମ ଓ ଅନ୍ୟ ମରିୟମ ସେ ସ୍ଥାନରେ ବସି ରହିଲେ ।" (ମାଥିଉ ୨୭:୬୧) ।

ଯୀଶୁ ଉଚ୍ଚ ସ୍ୱରକରି ପ୍ରାଣତ୍ୟାଗ କଲେ, "...କେତେକ ସ୍ତ୍ରୀ ଲୋକ ମଧ୍ୟ ଦୂରରୁ ଦେଖୁଥିଲେ, ସେମାନଙ୍କ ମଧ୍ୟରେ ମଗଦଲୀନୀ ମରିୟମ, ସାନ ଯାକୁବ ଓ ଯୋସିଙ୍କ ମାତା ମରିୟମ, ପୁଣି ଶଲୋମୀ ଥିଲେ । ସେ ଗାଲାଲୀରେ ଥିବା ସମୟେରେ ସେମାନେ ତାହାଙ୍କ ପଶ୍ଚାତ୍‌ଗମନ କରି ତାହାଙ୍କ ସେବା କରୁଥିଲେ ।" (ମାର୍କ ୧୫:୩୭-୪୧) । ଲୂକଙ୍କ ଲେଖନରେ, "ଗାଲୀଲୀରୁ ତାହାଙ୍କ ସହିତ ଆସିଥିବା ସ୍ତ୍ରୀଲୋକମାନେ ପଛେ ପଛେ ଯାଇ ସମାଧିକି ଓ ତାହାଙ୍କ ଶରୀର କିପରି ରଖାଗଲା ତାହା ଦେଖିଲେ । ପୁଣି ସେମାନେ ବାହୁଡି ଯାଇ ସୁଗନ୍ଧ ଦ୍ରବ୍ୟ ଓ ତୈଳ ପ୍ରସ୍ତୁତ

କଲେ ।" (ଲୂକ ୨୩:୫୫-୫୬) । ଯୀଶୁ ତୃତୀୟ ଦିନରେ ମୃତ୍ୟୁଙ୍କୁ ଜୟକରି ପୁନଃରୁତ୍ଥାନ ହେବା ଦିନ ମଦଗଲୀଲୀ ମରିୟମ ଓ ଅନ୍ୟ ସ୍ତ୍ରୀମାନେ କିପରି ପ୍ରତ୍ୟୁଷରେ ସମାଧି ନିକଟରେ ଯାଇଥିଲେ । ଚାରୋଟି ଏହି ଘଟଣା ସୁସମାଚାରରେ ପଢ଼ିପାରୁ ।

ସପ୍ତାହର ପ୍ରଥମ ଦିନ ପ୍ରତ୍ୟୁଷର ଅନ୍ଧକାର ଥାଉ ଥାଉ ମଗଦଲୀନୀ ମରିୟମ ସମାଧି ନିକଟକୁ ଆସି ଓ ସେଥିରୁ ପଥର ଘୁଞ୍ଚାଯାଇଥିବା ଦେଖିଲେ । ସେ ଦୌଡିଯାଇ ଶିମୋନ ପିତର ଓ ଯୀଶୁ ଯାହାଙ୍କୁ ସ୍ନେହ କରୁଥିଲେ, ସେହି ଅନ୍ୟ ଶିଷ୍ୟଙ୍କ ନିକଟକୁ ଆସିଲେ, ଆଉ ସେମାନଙ୍କୁ କହିଲେ, କେଉଁମାନେ ସମାଧିରୁ ପ୍ରଭୁଙ୍କୁ ଘେନିଯାଇ ଅଛନ୍ତି, ପୁଣି ତାହାଙ୍କୁ କେଉଁଠାରେ ରଖି ଅଛନ୍ତି ତାହା ଆମ୍ଭେମାନେ ଜାଣୁନାହୁଁ ।" (ଯୋହନ ୨୦:୧-୨) । ପିତର ଓ ଯୋହନ ସମାଧି ନିକଟକୁ ଆସି ତାହାଙ୍କ ଶରୀର ଦେଖିବାକୁ ନପାଇ ସେ ଭାବବାଦୀମାନଙ୍କ ଲିଖିତ ବାକ୍ୟ ଅନୁଯାୟୀ ମୃତ୍ୟୁରୁ ପୁନଃରୁତ୍ଥିତ ହୋଇ ଅଛନ୍ତି, ତାହା ବୁଝି, "...ଶିଷ୍ୟମାନେ ପୁନର୍ବାର ସେମାନଙ୍କ ଗୃହକୁ ଚାଲିଗଲେ । କିନ୍ତୁ ମରିୟମ ରୋଦନ କରୁ କରୁ ବହାରେ ସମାଧି ନିକଟରେ ଠିଆ ହୋଇ ରହିଲେ । ପୁଣି ରୋଦନ କରୁ କରୁ ସେ ନଇଁ ପଡି ସମାଧି ଭିତରକୁ ଚାହିଁ ଯୀଶୁଙ୍କ ଶରୀର ଯେଉଁ ସ୍ଥାନରେ ଥୁଆ ଯାଇଥିଲା, ସେଥିରେ ମୁଣ୍ଡ ପାଖରେ ଜଣେ ଓ ପାଦ ପାଖରେ ଆଉ ଜଣେ, ଏହିପରି ଦୁଇ ଜଣ ଶୁକ୍ଳବସ୍ତ୍ର ପରିହିତ ଦୂତଙ୍କୁ ବସିଥିବା ଦେଖିଲେ, ସେଥିରେ ସେ ସେମାନଙ୍କୁ କହିଲେ, ଭୟଭୀତ ହୁଅ ନାହିଁ, ତୁମ୍ଭେମାନେ କ୍ରୁଶରେ ହତ ନାଜରିତୀୟ ଯୀଶୁଙ୍କର ଅନ୍ୱେଷଣ କରୁଅଛ, ସେ ଉଠି ଅଛନ୍ତି । ସେ ଏଠାରେ ନାହାନ୍ତି । ଦେଖ ଏହି ସ୍ଥାନରେ ସେମାନେ ତାହାଙ୍କୁ ରଖିଥିଲେ । କିନ୍ତୁ ତୁମ୍ଭେମାନେ ଯାଇ ତାହାଙ୍କ ଶିଷ୍ୟମାନଙ୍କୁ ଓ ପିତରଙ୍କୁ କୁହ ସେ ତୁମ୍ଭମାନଙ୍କ ଆଗେ ଗାଲୀଲୀକୁ ଯାଉ ଅଛନ୍ତି, ସେ ତୁମ୍ଭମାନଙ୍କୁ ଯେପରି କହିଥିଲେ. ସେପରି ତୁମ୍ଭେମାନେ ତାହାଙ୍କୁ ସେଠାରେ ଦେଖିବ, ...ସପ୍ତାହର ପ୍ରଥମ ଦିବସରେ ପ୍ରତ୍ୟୁଷରେ ସେ ପୁନଃରୁତ୍ଥିତ ହୋଇ, ଯାହାଙ୍କ ଠାରୁ ସାତ ଭୂତ ଛଡାଇଥିଲେ ସେହି ମଗଦଲୀନୀ, ମରିୟମଙ୍କୁ ପ୍ରଥମ ଦର୍ଶନ ଦେଲେ । ସେ ଯାଇ ଯେଉଁମାନେ ତାହାଙ୍କ ସଙ୍ଗୀ ହୋଇଥିଲେ ସେମାନଙ୍କୁ ସମ୍ବାଦ ଦେଲେ ।" (ଯୋହନ ୨୦:୧୦-୧୨) ।

ମଗଦଲୀନୀ ମରିୟମ ସାକ୍ଷିଭୂତ ଛାଡିବା ଦିନଠାରୁ, ଯୀଶୁଖ୍ରୀଷ୍ଟଙ୍କୁ ପୁନଃରୁତ୍ଥାନ ପର୍ଯ୍ୟନ୍ତ ତାହାଙ୍କୁ ପରିତ୍ୟାଗ କରିନଥିଲେ । ଆପଣାର ସମସ୍ତ ସମ୍ପତ୍ତି ଦେଇ ଆପଣା ତ୍ରାଣକର୍ତ୍ତା ପ୍ରଭୁଯୀଶୁଙ୍କ ପରିଚର୍ଯ୍ୟା କରିଥିଲେ । ଶିଷ୍ୟମାନେ ତାହାଙ୍କୁ କିଛିକ୍ଷଣ ପର୍ଯ୍ୟନ୍ତ ପରିତ୍ୟାଗ କଲେ ସୁଦ୍ଧା, ସେ ତାହାଙ୍କ କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ସଙ୍ଗେ ସଙ୍ଗେ ରହିଲେ । ସପ୍ତାହର ପ୍ରଥମ ଦିନ ପ୍ରତ୍ୟୁଷରେ ଯୀଶୁଙ୍କ ଦେହ ନିମନ୍ତେ ସେ ଆଗେ ସମାଧି ନିକଟକୁ ଯାଇଥିଲେ । ପୁନଃରୁତ୍ଥାନର ସମ୍ବାଦ ପାଇ ଶିଷ୍ୟମାନେ ଗୃହକୁ ଫେରିଗଲେ, ସୁଦ୍ଧା ସେ ରୋଦନ କରୁ କରୁ ସେଠାରେ ଠିଆ ହୋଇ ରହିଲେ । ଖ୍ରୀଷ୍ଟଙ୍କ ପ୍ରତି ତାହାଙ୍କ ପ୍ରତି ଆସକ୍ତି ପ୍ରତିଫଳେ ସେ ପୁନଃରୁତ୍ଥିତ ଯୀଶୁଖ୍ରୀଷ୍ଟଙ୍କୁ ପ୍ରେରିତମାନେ ଦର୍ଶନ କରିବା ପୂର୍ବେ ଦର୍ଶନ କରିଥିଲେ । (ଗ ମାର୍କ ୧୬:୯) ।

ଯୀଶୁଖ୍ରୀଷ୍ଟ ସ୍ୱର୍ଗକୁ ଆରୋହଣ କରିବା ପୂର୍ବେ ଆପଣା ଶିଷ୍ୟମାନଙ୍କୁ କହିଲେ, "...ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ । ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୫-୧୬) । ୧ମ କରିନ୍ଥୀ ୧୫:୧-୪ ପଦରେ ସୁସମାଚାର ଅର୍ଥ ପ୍ରେରିତ ପାଉଲ ବୁଝାଇ ଦେଇ ଅଛନ୍ତି । "...ଖ୍ରୀଷ୍ଟ ଶାସ୍ତ୍ରନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗକଲେ, ସମାଧି ପ୍ରାପ୍ତ ହେଲେ, ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ।" ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନର ସୁସମାଚାର ମଗଦଲୀନୀ ମରିୟମ ଶିଷ୍ୟମାନଙ୍କୁ ପ୍ରଥମେ ଜଣାଇଥିଲେ । କେତେ ସୌଭାଗ୍ୟର ବିଷୟ ।

ଆମ୍ଭେମାନେ ଯେତେ ଜଣ ତାହାଙ୍କ ମଣ୍ଡଳୀର ସଭ୍ୟ ଅଟୁ । ପ୍ରତି ରବିବାର ତାହାଙ୍କ ଶରୀର ରୂପ ରୋଟୀ ରକ୍ତରୂପ ଦ୍ରାକ୍ଷାରସରେ ଭାଗି ହୋଇ ତାହାଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ଓ ପୁନଃରୁତ୍ଥାନ ପ୍ରଚାର କରୁଅଛୁ ।

ଆସ ଆମ୍ଭେମାନେ ମଗଦଲୀନୀ ମରିୟମଙ୍କ ସଦୃଶ୍ୟ ଜୀବନର ଶେଷ ଯାଏ, ଯୀଶୁଙ୍କ ଅନୁସରଣ କରି, ତାହାଙ୍କ ପୁନଃରୁତ୍ଥାନ ଅନ୍ୟମାନଙ୍କ ନିକଟରେ ଘୋଷଣା

କରୁ । ଯୀଶୁ କହିଲେ, ...ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନ ରୂପ ମୁକୁଟ ଦେବୁ । (ପ୍ରକାଶିତ ୨:୧୦) ।

– Kabita Gootam

❋❋❋

## ଦୟାକରି, ବିମୁଖ ନହୁଅ !

### (Please, Don't Turn back)

ମୋ ମତରେ ନୀତନ ନିୟମରେ ସବୁଠାରୁ ଦୁଃଖମୟ ଘଟଣା ଯୋହନ ସୁସମାଚାର ଷଷ୍ଠମ ଅଧ୍ୟାୟରେ ଲିଖିତ ହୋଇଅଛି । ଏହା ପାଞ୍ଚ ହଜାର ପୁରୁଷ ଓ ଅସଂଖ୍ୟ ସ୍ତ୍ରୀ ଓ ବାଳକ ବାଳିକାମାନଙ୍କୁ ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ଖାଦ୍ୟ ପରିବେଷଣ କରିବା ନୁହେଁ । କାରଣ ଏହି ଘଟଣା ଅନେକଙ୍କ କ୍ଷୁଧା ମେଣ୍ଟାଇଥିଲା ଓ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ପ୍ରମାଣିତ କରିଥିଲା । ଯୋହନ ୬:୧୫-୨୧ ପଦଗୁଡିକରେ ଯୀଶୁଖ୍ରୀଷ୍ଟ ଜଳ ଉପରେ ଚାଲିବା ଘଟଣା ପଢ଼ିପାରୁ । ଏହା ମଧ୍ୟ ଏକ ବିଷଦମୟ ଘଟଣା ନୁହେଁ, କିନ୍ତୁ ଯୀଶୁ ଯେ ପ୍ରକୃତିର ମଧ୍ୟ ଅଧିପତି ଅଟନ୍ତି, ଏହା ପ୍ରମାଣିତ ହୋଇଥିଲା । ୪୧-୫୦ ପଦରେ ଲିଖିତ "ଜୀବନର ରୋଟୀ" ବିଷୟକ ଶିକ୍ଷା ଦୁଃଖମୟ ନୁହେଁ । କାରଣ ସେ ଶିକ୍ଷା ଦ୍ୱାରା ମନୁଷ୍ୟ ସମାଜ ଜୀବନ ପ୍ରାପ୍ତ ହୁଏ । କିନ୍ତୁ ତତ୍ପର ଘଟଣା ।

ଏହା ଏକ ଦୁଃଖମୟ ଘଟଣା ବୋଲି ମୁଁ ମନେ କରେ କାରଣ (୧) ଯିହୂଦୀମାନେ ତାହାଙ୍କ ଶିକ୍ଷାରେ ଅବିଶ୍ୱାସ କରିଥିଲେ ଓ ବଚସା କରିଥିଲେ । (୪୧-୫୦) । (୨) କାରଣ ତାହାଙ୍କ ଏହି ଶିକ୍ଷାରେ ତାହାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ବିମୁଖ ହୋଇ ବାହାରିଗଲେ, "...ପୁଣି ତାହାଙ୍କ ସାଙ୍ଗରେ ଆଉ ଗମନାଗମନ କଲେ ନାହିଁ ।" (୬୦-୬୬) । ଏହା ମୋ ନିମନ୍ତେ ଅତ୍ୟନ୍ତ ଦୁଃଖମୟ ବିଷୟ ! ଏହା କି ଯୀଶୁଙ୍କ ହୃଦୟକୁ ଦୁଃଖ ଦେଇ ନଥିବ । ତେଣୁ ସେ ଦୁଃଖସହ ଦ୍ୱାଦଶ ଶିଷ୍ୟଙ୍କୁ

ପଚାରିଲେ, "...ତୁମ୍ଭେମାନେ କଅଣ ଛାଡ଼ିଯିବାକୁ ଇଚ୍ଛା କରୁଅଛ ?" (୬୭ ପଦ) ।

ଆଜି ମଧ୍ୟ ଅନେକ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ଯୀଶୁଙ୍କ ଠାରୁ ବିମୁଖ ହୋଇଅଛନ୍ତି, ଜାଣି ମୋ ହୃଦୟ ଦୁଃଖରେ ପୂର୍ଣ୍ଣ ହୁଏ । ମୁଁ ଏତେ ଦୁଃଖ ଅନୁଭବ କରୁଅଛି । ଯୀଶୁଙ୍କ ହୃଦୟ କେତେ ଦୁଃଖ ଅନୁଭବ ନଥିବା ଯୀଶୁଙ୍କ ନିକଟକୁ ତାହାଙ୍କ ମଣ୍ଡଳୀରୁ ବିମୁଖ ହେବା ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଆମ୍ଭମାନଙ୍କ ହୃଦୟ ଦୁଃଖାକ୍ରାନ୍ତ ହେଉ । ଦୁଇ ହଜାର ବର୍ଷପୂର୍ବେ ଯୀଶୁଙ୍କ ଏହି ପ୍ରଶ୍ନ ମୋର କାନରେ ଏବେ ମଧ୍ୟ ଗୁଞ୍ଜି ଉଠୁଛି । ପ୍ରେରିତ ପାଉଲଙ୍କ ଉତ୍ତର, ମୋ ହୃଦୟକୁ ଆଶ୍ୱାସନା ଦିଏ । "...ପ୍ରଭୋ, କାହା ପାଖକୁ ଯିବା ?" ଆପଣଙ୍କ ପାଖରେ ଅନନ୍ତ ଜୀବନର ବାକ୍ୟ ଅଛି ? (୬୮ ଓ ୬୯ ପଦ) । ମୁଁ ମଧ୍ୟ ଚିତ୍କାର କରି କହେ, "ନାହିଁ ପ୍ରଭୋ ! ମୁଁ ଆପଣଙ୍କ ନିକଟରୁ ବିମୁଖ ହେବି ନାହିଁ । ମୁଁ କେବେ ବି ପଛକୁ ଘୁଞ୍ଚିବି ନାହିଁ ।"

ହେ ଭାଇମାନେ, ଆସ ଆମ୍ଭେମାନେ ଯୀଶୁଙ୍କ ନିକଟରୁ ବିମୁଖ ନ ହେବା ନିମନ୍ତେ ପ୍ରତିଜ୍ଞା ନେଉ ! ସତ୍ୟ ଓ ନୀତିର "ପୁରାତନ ପଥ" (ଯିଶମିୟ ୬:୧୬ ; ଯୋହନ ୧୪:୬, ମାଥିଉ ୧୬:୧୩-୧୮, ଏଫିସୀ ୪:୪-୬, ଯିହୂଦୀ ୩) ।

ଅନୁସରଣ କରୁ ।

"...ଯେ ଲଙ୍ଗଳରେ ହାତଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ ।" (ଲୂକ ୯:୬୨) । ଯୀଶୁଙ୍କ ଏହି ବାକ୍ୟ ଯୀଶୁଙ୍କ ଓ ତାହାଙ୍କ ମଣ୍ଡଳୀରୁ ବିମୁଖ ନ ହେବାକୁ ଆମ୍ଭମାନଙ୍କ ପ୍ରୋତ୍ସାହିତ କରେ ।

**– Maxie B. Boren**

❃❃❃

## ତୁମେ ପରିତ୍ରାଣ ପ୍ରାପ୍ତ ବୋଲି କିପରି ଜାଣିପାରିବ !
### (How to know you are sarved !)

"ଈଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ ଯେପରି ଜାଣ ଯେ, ତୁମ୍ଭେମାନେ ଅନନ୍ତ ଜୀବନ ପାଇଅଛ, ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କ ନିକଟକୁ ଏହି ସମସ୍ତ ଲେଖିଲି ।" (ଯୋହନ ୫:୧୩) । ଈଶ୍ୱରଙ୍କ ସନ୍ତାନମାନେ ବିଶ୍ୱାସରେ ରହି ପରିତ୍ରାଣ ପ୍ରାପ୍ତ ହୋଇ ରହିଅଛନ୍ତି ବୋଲି ଜାଣିପାରିବେ । ଏହି ବାକ୍ୟାଂଶର ଅର୍ଥ ଅଟେ । ବିଶ୍ୱାସ ପରିତ୍ୟାଗ କଲେ, ଈଶ୍ୱରଙ୍କ ସନ୍ତାନମାନେ ଅନୁଗ୍ରହରୁ ପତିତ ହେବାର ସମ୍ଭାବନା ଅଛି । (ଗାଲାତୀ ୫:୪) । ଈଶ୍ୱରଙ୍କ ସନ୍ତାନମାନେ ବିଶ୍ୱାସରେ ଅଛନ୍ତି କି ନାହିଁ । ପରିତ୍ରାଣ ପାଇଅଛନ୍ତି କି ନାହିଁ, ଅନନ୍ତ ଜୀବନ ପାଇଅଛନ୍ତି କି ନାହିଁ, ଜାଣିବା ଅନ୍ତତ୍ୟ ଆବଶ୍ୟକ । ଆଜିର ଧର୍ମୀଜଗତରେ ଲୋକେ ଆପଣାକୁ ପରିତ୍ରାଣ ପ୍ରାପ୍ତ ବୋଲି ମନେ କରନ୍ତି । କିନ୍ତୁ ଜଣେ ପରିତ୍ରାଣ ପ୍ରାପ୍ତ କି ନାହିଁ, ଲିଖିତ ବାକ୍ୟ ସହ ତୁଳନା ଦ୍ୱାରା ଜାଣିପାରିବ ।

### ଅଧିକାରଯୁକ୍ତ ପ୍ରକଟନ ସହ ସମ୍ବନ୍ଧ :-

ଏକ ମିଥ୍ୟାରେ ବିଶ୍ୱାସ କରିବା ଦ୍ୱାରା, କୌଣସି ମନୁଷ୍ୟ ପରିତ୍ରାଣ ପାଇପରେ ନାହିଁ । ପ୍ରେରିତ ପାଉଲ ଥେସଲନୀକୁ ଲେଖିଲେ । "କାରଣ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ସେମାନେ ସତ୍ୟ ପ୍ରତି ଶ୍ରଦ୍ଧାଭାବ ବହି ନାହାନ୍ତି । ଆଉ ଏଥିସକାଶେ ସେମାନେ ଯେପରି ମିଥ୍ୟାରେ ବିଶ୍ୱାସ କରନ୍ତି, ସେଥିନିମନ୍ତେ ଈଶ୍ୱର ସେମାନଙ୍କ ନିକଟକୁ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରନ୍ତି, ଯେପରିକି ଯେଉଁମାନେ ସତ୍ୟରେ ବିଶ୍ୱାସ ନକରି ଅଧର୍ମରେ ସନ୍ତୁଷ୍ଟ ହୋଇଅଛନ୍ତି, ସେମାନେ ସମସ୍ତେ ଦଣ୍ଡର ପାତ୍ର ହୁଅନ୍ତି ।" (୨ୟ ଥେସ ୨:୧୦-୧୨) । କେବଳ ସତ୍ୟ ହିଁ ମନୁଷ୍ୟକୁ ସ୍ୱାଧୀନ (ମୁକ୍ତ) କରିପାରେ (ଯୋହନ ୮:୩୨) । ଈଶ୍ୱରଙ୍କ ବାକ୍ୟ ହିଁ ସତ୍ୟ ଅଟେ । (ଯୋହନ ୧୭;୧୭) । ମନୁଷ୍ୟ ସମାଜ ଆକସ୍ମିତ ଭାବେ କିଅବା କୌଣସି ପ୍ରକଟନ ଦ୍ୱାରା ପରିତ୍ରାଣ ପାଇପାରେ

ନାହିଁ । ପରିତ୍ରାଣ ସଦାପ୍ରଭୁ ପରମେଶ୍ୱରଙ୍କ ଠାରୁ ଲବ୍ଧ ହୁଏ । (ପ୍ରକାସିତ ୭:୧୦) । ମନୁଷ୍ୟ ପରିତ୍ରାଣ ପ୍ରାପ୍ତି ନିମନ୍ତେ ସୁସମାଚାର ନିକଟବର୍ତ୍ତୀ ହେବା ଆବଶ୍ୟକ । (ରୋମୀୟ ୧:୧୬) ।

## ସୁସମାଚାର ଜ୍ଞାତ ହେଉ :-

ମନୁଷ୍ୟ ସୁସମାଚାର ନିକଟବର୍ତ୍ତୀ ହୋଇ, ତାହା ସଠିକ୍‌ଭାବେ ବୁଝିବା ଆବଶ୍ୟକ । ସୁସମାଚାର ସଠିକ୍‌ଭାବେ ବୁଝି ନ ପାରିଲେ, ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୋଇ ନପାରେ । (ଏବ୍ରୀ ୪:୨) । ପ୍ରେରିତ ପାଉଲ ଥେସଲନୀକୀର ଖ୍ରୀଷ୍ଟିୟାନମାନଙ୍କୁ ଲେଖିଲେ, "...ବରଂ ସମସ୍ତ ବିଷୟ ପରୀକ୍ଷା କର, ଯାହା ଉତ୍ତମ ତାହା ଧରି ରଖ ।" (୧ମ ଥେସ ୫:୨୧) । ବୈଦ୍ୟ ଲୂକ ବେରୟାର ଯିହୂଦୀମାନେ, ଥେସଲନୀକୀର ଯିହୂଦୀମାନଙ୍କ ଠାରୁ ସୁଶୀଳ ଥିଲେ ବୋଲି ଲେଖନ୍ତି । କାରଣ, "ଏମାନେ ପୂର୍ଣ୍ଣ ଆଗ୍ରହରେ ବାକ୍ୟ ଗ୍ରହଣ କଲେ, ପୁଣି ଏହି ସମସ୍ତ ସତ୍ୟ କି ନା ତାହା ଜାଣିବା ନିମନ୍ତେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରୁଥିଲେ ।" (ପ୍ରେରିତ ୧୭;୧୧) । କେତେକ ଯିହୂଦୀମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରି ପରିତ୍ରାଣ ପାଉଅଛନ୍ତି ବୋଲି ମନେ କରୁଥିଲେ, କିନ୍ତୁ ସେମାନେ ଭ୍ରାନ୍ତି ମନୋଭାବରେ ଅଛନ୍ତି ବୋଲି ଯୀଶୁ ସେମାନଙ୍କୁ କହିବା ଆମ୍ଭେମାନେ ଯୋହନ ୫:୩୯-୪୦ ପଦରେ ପଢ଼ିପାଉଁ । ପ୍ରେରିତ ପାଉଲ, ଯିହୂଦୀମାନଙ୍କ ଈଶ୍ୱରଙ୍କ ପ୍ରତି ଉଦ୍‌ଯୋଗ ଜ୍ଞାନଯୁକ୍ତ ନୁହେଁ ବୋଲି ରୋମୀୟ ୧୦:୧-୩ ପଦରେ କହିଅଛନ୍ତି । ଆତ୍ମିକ ଅଭିବୃଦ୍ଧି ନିମନ୍ତେ ଧର୍ମଶାସ୍ତ୍ରର ଜ୍ଞାନନିତାନ୍ତ ଆବଶ୍ୟକ ବୋଲି କୂଶଦେଶୀୟ ନପୁଂସକ ଜ୍ଞାତ ଥିଲେ । (ପେରିତ ୮:୨୬-୩୯) ।

## ସୁସମାଚାର ଜ୍ଞାତ ହୋଇ, ତାହା ପାଳନ କରିବା ଆବଶ୍ୟକ :-

ମନୁଷ୍ୟ ସୁସମାଚରର ନିକଟବର୍ତ୍ତୀ ହୋଇ, ଜ୍ଞାତ ହୋଇ ମଧ୍ୟ ପରିତ୍ରାଣ ପ୍ରାପ୍ତ ନୁହେଁ । କାରଣ ସୁସମାଚରକୁ ସଂପୂର୍ଣ୍ଣଭାବେ ଆଜ୍ଞାବହ ନହେବା ଲୋକେ ପରିତ୍ରାଣ ପ୍ରାପ୍ତ ନୁହନ୍ତି । ଫେଲିକ୍‌ସ ଓ ତାହାଙ୍କ ଭାର୍ଯ୍ୟା ସୁସମାଚାର ବିଷୟରେ ଶ୍ରବଣ

କଲେ ହିଁ ଆଜ୍ଞାବହ ହୋଇ ନ ଥିଲେ । (ପ୍ରେରିତ ୨୪:୨୪-୨୫) । ପରିତ୍ରାଣ ପ୍ରାପ୍ତି ନିମନ୍ତେ ସୁସମାଚାରର ଆଜ୍ଞାବହ ହେବା ନିତାନ୍ତ ଆବଶ୍ୟକ । "...ପୁତ୍ର ହେଲେହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।" (ଏବ୍ରୀ ୫:୯) । ଅନେକେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଓ ବିନା ବାପ୍ତିଜିତ ହୋଇ ପରିତ୍ରାଣ ପାଇପାରନ୍ତି ବୋଲି ବିଶ୍ୱାସ କରନ୍ତି । (ଗାଲାତୀ ୩:୨୬-୨୭) । ମନୁଷ୍ୟ ହୃଦୟ ପୂର୍ବକଭାବେ, ସଂପୂର୍ଣ୍ଣଭାବେ ଈଶ୍ୱରଙ୍କ ଇଚ୍ଛାର ଆଜ୍ଞାବହ ନହେଲେ ପାପରୁମୁକ୍ତ ହୋଇପାରେ ନାହିଁ । (ରୋମ-୬:୩-୧୮) । ସୁସମାଚାରର ଅବାଧ ଓ ଖ୍ରୀଷ୍ଟ ସୁସମାଚାର ବ୍ୟତୀତ ଅନ୍ୟ ସୁସମାଚାରକୁ ଆଜ୍ଞାବହ ହେବା ବ୍ୟକ୍ତିମାନ ପରିତ୍ରାଣ ପ୍ରାପ୍ତ ହେବେ ନାହିଁ । ମନୁଷ୍ୟ ତାହାଙ୍କ ଇଚ୍ଛାପାଳନ କରିବା ଦ୍ୱାରା ହିଁ ପାପରୁ ମୁକ୍ତ ହୋଇ ପରିତ୍ରାଣ ପାଇପାରେ ।

– Jimmy Clark

❋ ❋ ❋

# THE ASCENSION AND CORONATION OF CHRIST

## INTRODUCTION:

A. In any nation, no event is more important than the coronation of its king.

B. Nothing exceeds the coronation .... it's grandeur and splendor.

C. No expense is spared, plans are elaborately layed.

D. Every detail is carefully considered and rehearsed.

E. Today let us visualize the events of that day when Jesus was coronated king of heaven and earth.

I. The Ascension.

A. Acts 1:6-11.

B. Mark 16:19 "So then the Lord Jesus, after he had spoken unto them was received up into heaven and sat down at the right hand of God."

II. The Entrance into Heaven.

A. Psalm 24:7-10.

III. The Receiving of the Crown and Throne.

A. Dan. 7:13-14.

B. Luke 19:12.

C. Ileb. 1:1-9, the coronation scene.

D. Peter declared the fact of the coronation, Acts 2:29-36.

IV. The Offices of Christ Upon His Throne.

A. King.

1. 1 Tim. 6:14-15.

2. Matt. 28; 18.

a. Law maker, John 12:48.

b. Judge, 2 Cor. 5:10.

3. King of his kingdom, head of the church, CoJ. 1:18.

B. Prophet - the spokesman for Cod. Acts 3:20-22.

1. Hcb. 1:1.

B. What Does Destroy Mean?

1. "to dissolve, to loosen"
2. Through Christ the works of Satan would be dissolved - Jose their consistency

a. He destroyed death by the gift of eternal life, John 10:10.
b. He destroyed darkness by bringing light, John 12:46.
c. He destroyed hate by bringing love.
d. He destroyed lawlessness by the gift of Law.

C. Luke 10:18

1. Acts 26:14-18
2. Heb. 2:14
3. Luke 11:20

IV. To Establish His Kingdom

A. Matthew 16:16-18
B. John 18:36-37
C. Lk. 11:20
D. Col. 1:12-14

**CONCLUSION:**

A. He shall come again for judgment, Matt. 25:31-32.

***Printed Book Only***

From:

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)